## ରେଳବାଇ ବୋର୍ଡ-ଓଡ଼ିଶା ମୁହାଁମୁହିଁ ■ ଚିଠି ପ୍ରତ୍ୟାହାର ପାଇଁ ପରିବହନ ସଚିବଙ୍କ ଦାବି

# ୩ ମାସ ଚୁପ୍ ରହିବା ପରେ ବିରୋଧ

**ପ୍ରକାଶ ସେଠୀ, ଭୁବନେଶ୍ୱର,୧୨।୩:**

ଓଡ଼ିଶାରେ ରେଳ ପ୍ରକଳ୍ପର କାର୍ଯ୍ୟକାରିତାକୁ ନେଇ ଓଡ଼ିଶା ସରକାର ଓ ରେଳବାଇ ବୋର୍ଡ ମୁହାଁମୁହିଁ ହୋଇଛନ୍ତି। ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ରାଜ୍ୟରେ ରେଳ ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ବିଳମ୍ବ ହେଉଛି ବୋଲି ରେଳବାଇ ବୋର୍ଡ ଚିଠି ଲେଖି କହିଥିବାବେଳେ ପ୍ରାୟ ୩ମାସ ପରେ ଓଡ଼ିଶା ସରକାର ଏହାକୁ ଖଣ୍ଡନ କରିବା ସହ ଏଭଳି ଚିଠିକୁ ପ୍ରତ୍ୟାହାର କରିବା ନିମନ୍ତେ ଦାବି କରିଛନ୍ତି। ରାଜ୍ୟ ମୁଖ୍ୟ ସଚିବଙ୍କ ଅନୁମୋଦନ ଆଧାରରେ ଏହି ଚିଠି ପଠାଯାଇଥିବା ଦର୍ଶାଯାଇଛି।

ରାଜ୍ୟ ବାଣିଜ୍ୟ ଓ ପରିବହନ ସଚିବ ଜି.ଶ୍ରୀନିବାସ ଆଜି ରେଳବାଇ ବୋର୍ଡର ମେମ୍ବର, ଇଞ୍ଜିନିୟରିଂ ଏମ୍.କେ.ଗୁପ୍ତାଙ୍କୁ ଚିଠି ଲେଖି ଓଡ଼ିଶାରେ ପ୍ରକଳ୍ପ କାର୍ଯ୍ୟକାରିତାକୁ ନେଇ ରେଳବାଇ ତା'ର 'ଭ୍ରାନ୍ତ ଧାରଣା'କୁ ବଦଳାଉ ବୋଲି କହିଛନ୍ତି। ରେଳବାଇ ବୋର୍ଡ ୨୦୧୭ ଡିସେମ୍ବର ୬ ଓ ଡିସେମ୍ବର ୨୬ତାରିଖରେ ଓଡ଼ିଶା ସରକାରଙ୍କୁ ଦୁଇଟି ଚିଠି ଲେଖି ଜମି ଅଧିଗ୍ରହଣରେ ବିଳମ୍ବ ଯୋଗୁ ରେଳବାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଛି ବୋଲି ଦର୍ଶାଇଥିଲେ। କିନ୍ତୁ ଏହି ଚିଠି ପାଇବାର ପ୍ରାୟ ୩ମାସ ପର୍ଯ୍ୟନ୍ତ ଚୁପ୍ ରହିବା ପରେ ରାଜ୍ୟ ସରକାରଙ୍କ ଚେତା ପଶିଛି ଓ ପରିବହନ ସଚିବ ସୋମବାର ଚିଠି ଲେଖି ଏହାର ପ୍ରତିବାଦ କରିଛନ୍ତି। ଏତେ ଦିନ ଧରି ଓଡ଼ିଶା ସରକାର କାହିଁକି ରେଳବାଇ ବୋର୍ଡର ଚିଠି ଉପରେ କୌଣସି ଉତ୍ତର ରଖିନଥିଲେ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ପରିବହନ ସଚିବ ଶ୍ରୀନିବାସ ଲେଖିଥିବା ଚିଠିରେ ଦର୍ଶାଇଛନ୍ତି ଯେ ରାଜ୍ୟରେ ରେଳପଥ ବିକାଶର ଆବଶ୍ୟକତାକୁ ଅନୁଭବ କରି ପ୍ରକଳ୍ପ କାର୍ଯ୍ୟକାରୀ ନିମନ୍ତେ ରାଜ୍ୟ ସରକାର ବହୁ ପରିମାଣର ପୁଞ୍ଜିନିବେଶ କରିଛନ୍ତି। ସମସ୍ତ ରେଳବାଇ ପ୍ରକଳ୍ପ ପାଇଁ ସରକାରୀ ଜମି ଉପରେ ରେଜିଷ୍ଟ୍ରେସନ୍ ଫି ଓ ଷ୍ଟାମ୍ ଫି' ଛାଡ଼, ନୂଆ ରେଳବାଇ ପ୍ରକଳ୍ପ ପାଇଁ ସବ୍‌ସିଡିଯୁକ୍ତ ଅବା ମାଗଣା ଜମି ପ୍ରଦାନ, ଖୋର୍ଦ୍ଧା ରୋଡ୍-ବଲାଙ୍ଗିର ଲାଇନ୍, ଜୟପୁର-ନବରଙ୍ଗପୁର, ଜୟପୁର-ମାଲକାନଗିରି ଓ ପୁରୀ-କୋଣାର୍କ ଆଦି ନୂଆ ରେଳଲାଇନ୍ ପାଇଁ ଆର୍ଥିକ ଭାଗିଦାରୀ ରାଜ୍ୟ ସରକାର ଯୋଗାଉଛନ୍ତି। ରେଳ ମନ୍ତ୍ରଣାଳୟର ଅନୁରୋଧକ୍ରମେ ରାଜ୍ୟ ସରକାର ରେଳ ପ୍ରକଳ୍ପର ବିକାଶ ପାଇଁ ଯୌଥ ଉଦ୍ୟୋଗ ସ୍ଥାପନ କରି ସେଥିରେ ୫୧ ପ୍ରତିଶତ ନିବେଶ କରିଛନ୍ତି। ରାଜ୍ୟ ସରକାର ପ୍ରମୁଖ ରେଳ ପ୍ରକଳ୍ପ ପାଇଁ ପର୍ଯ୍ୟାପ୍ତ ପରିମାଣର ଜମି ଯୋଗାଇ ଦେଇଛନ୍ତି। ଜମି ଅଧିଗ୍ରହଣ ଆଇନ ଅନ୍ତର୍ଗତ ପ୍ରକଳ୍ପ ନିମନ୍ତେ ଜମି ଅଧିଗ୍ରହଣ ଏକ ନିରନ୍ତର

▶▶ ୭

Tue, Mar 13, 2018